# ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. - ମାଲକାନଗିରି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

*କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି,*

*ମୁଣ୍ଡାଗୁଡ଼ା, ପୋ.+ଜିଲ୍ଲା – ମାଲକାନଗିରି, ଓଡ଼ିଶା- ୭୬୪୦୪୫*


ସପ୍ତାହ କ୍ର.ସଂ.- ୧୪ | **ପାଣିପାଗ ଜନିତ କୃଷି ଉପଦେଶ** | ତାରିଖ – ୦୨.୦୪.୨୦୧୯

## ଜିଲ୍ଲା- ମାଲକାନଗିରି (ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୨୯.୦୩.୨୦୧୯ | ୩୦.୦୩.୨୦୧୯ | ୩୧.୦୩.୨୦୧୯ | ୦୧.୦୪.୨୦୧୯ |
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | ୪.୨ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୮.୭ | ୩୯.୮ | ୩୮.୫ | ୩୮.୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୩.୮ | ୨୩.୪ | ୨୩.୬ | ୨୪.୦ |

## ଆସନ୍ତା ପାଞ୍ଚ ଦିନର (୦୩.୦୪.୨୦୧୯ ଠାରୁ ୦୭.୦୪.୨୦୧୯) ପାଣିପାଗର ପୂର୍ବାନୁମାନ (ଏମ.ସି., ଆଇ.ଏମ.ଡି., ଭୁବନେଶ୍ବର ଅନୁଯାୟୀ)

ଆସନ୍ତା ପାଞ୍ଚ ଦିନ ମଧ୍ୟରେ କେବଳ ୬ ଏପ୍ରିଲ ଅତି ସ୍ୱଳ୍ପ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତଃ ପରିଷ୍କାର ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ଅଛି । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଦିନର ସର୍ବାଧିକ ତାପମାତ୍ରା ୪୦ ରୁ ୪୧ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୧ ରୁ ୨୨ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୫୭ ରୁ ୬୩ ଭାଗ ଏବଂ ୧୫ ରୁ ୧୯ ଭାଗ ରହିବାର ସମ୍ଭାବନା ଅଛି ।

| ତାରିଖ | ୦୩.୦୪.୨୦୧୯ | ୦୪.୦୪.୨୦୧୯ | ୦୫.୦୪.୨୦୧୯ | ୦୬.୦୪.୨୦୧୯ | ୦୭.୦୪.୨୦୧୯ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | ୨ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୪୦ | ୪୦ | ୪୦ | ୪୧ | ୪୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୧ | ୨୨ | ୨୨ | ୨୨ | ୨୨ |
| ମେଘାଛନ୍ନ | ୪ | ୧ | ୧ | ୪ | ୪ |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ୫୭ | ୬୩ | ୫୯ | ୫୯ | ୫୭ |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ୧୫ | ୧୬ | ୧୯ | ୧୯ | ୧୮ |
| ପବନର ବେଗ (କି.ମି./ଘଣ୍ଟା) | ୫ | ୬ | ୭ | ୬ | ୭ |
| ପବନର ଦିଗ (ଡିଗ୍ରୀ) | ୧୮୦ | ୧୯୨ | ୧୮୪ | ୧୮୮ | ୧୮୮ |

## କୃଷି ଉପଦେଶ

ସାଧାରଣ:

- ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଅଧିକ ତାପମାତ୍ରା ଏବଂ ଶୁଖିଲା ପାଗ ହେବାର ସମ୍ଭାବନା ହେତୁ ଫସଲ ଜମିରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ ।

ଡାଲୁଅ ଧାନ:

- ମାଟିଆ ଗୁଣ୍ଡି ପୋକର ସର୍ବେକ୍ଷଣ କରନ୍ତୁ, ଆର୍ଥିକ ଦେହଳୀ ସୀମାରେଖାରୁ (ପ୍ରତି ବୁଦାରେ ୫ ରୁ ୧୦ ଟି ପୋକ) ଅଧିକ ହେଲାପରେ ଏକର ପ୍ରତି ୩୩୦ ମି.ଲି. ବୁପ୍ରୋଫେଜିନ୍ ୨୫% SC ଅଥବା ୪୦ ଗ୍ରାମ୍ ଥାଆମିଥୋକ୍ସାମ୍ ୨୫% WG ୨୦୦ ଲିଟର ପାଣିରେ ମିଶାଇ ଧାନ ଗଛ ମୂଳକୁ ସିଞ୍ଚନ କରନ୍ତୁ । ସିଞ୍ଚନ ପୂର୍ବରୁ ଜମିର ଜମା ପାଣିକୁ ବାହାର କରନ୍ତୁ ।

- ତାପମାତ୍ରା ବୃଦ୍ଧି ହେତୁ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନା ଥାଏ,  ଯଦି ଏହି ପୋକର ଆର୍ଥିକ ଦେହଳୀ ସୀମାରେଖାରୁ (୧ ଅଣ୍ଡା ବା ୧ ରୁ ୨ ପ୍ରଜାପତି ପ୍ରତି ବର୍ଗମିଟାର କିମ୍ବା ୪ ରୁ ୫ ପୁରୁଷ ପ୍ରଜାପତି ପ୍ରତି ଟ୍ରାପ ପ୍ରତିଦିନ) ଅଧିକ ହେଲା ତେବେ ପ୍ରତି ଏକର ପାଇଁ ୧୦ କି.ଗ୍ରା. ଦାନାଦାର କାର୍ଟାପ ହାଇଡ୍ରୋକ୍ଲୋରାଇଡ ୪G ପ୍ରୟୋଗ କରନ୍ତୁ ।

ପନିପରିବା ଫସଲ:

- ପନିପରିବା ଫସଲରେ ଭିନ୍ନ ଭିନ୍ନ ରୋଗ ଓ ପୋକ ଲାଗିବାର ସମ୍ଭାବନା ଥାଏ, ସେଥିପାଇଁ ନିୟମିତ ଫସଲ ଜମିରେ ସର୍ବେକ୍ଷଣ କରନ୍ତୁ ।  ଲକ୍ଷଣ ଦେଖାଗଲେ ଫସଲ ସୁରକ୍ଷା ପାଇଁ ଔଷଧ ସିଞ୍ଚନ କରନ୍ତୁ ।
- ତାପମାତ୍ରା ଅଧିକ ହେତୁ ପନିପରିବା ଫସଲରେ ଜଉ ଓ ଧଳା ମାଛି ଲାଗିବାର ସମ୍ଭାବନା ଥାଏ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୦.୨୫ ମି.ଲି.  ଇମିଡାକ୍ଲୋରପିଡ ୧୭.୮% SL  ମିଶାଇ ସିଞ୍ଚନ କରନ୍ତୁ ।

ତୈଳବୀଜ ଜାତୀୟ ଫସଲ:

- ବର୍ତ୍ତମାନ ପାଗରେ ବାଦାମ ଫସଲରେ ଶଁବାଳୁଆ ପୋକ ଲାଗିବାର ସମ୍ଭାବନା ଥାଏ, ଦମନ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇକ୍ଲୋରଭସ ୭୬% EC ସିଞ୍ଚନ କରନ୍ତୁ ।

ପଶୁ ସମ୍ପଦ:

- ଅଧିକ ତାପମାତ୍ରା ଏବଂ ଶୁଖିଲା ପାଗ ହେତୁ ପଶୁ ଓ ପକ୍ଷୀର ନିକଟବର୍ତ୍ତୀ ଯାଗାରେ ପିଇବା ପାଇଁ ପାଣି ରଖନ୍ତୁ ।
- ଗୁହାଳ ଘରରେ ବାୟୁ ଚଳାଚଳ ପାଇଁ ଉପଯୁକ୍ତ ଯାଗା ରଖନ୍ତୁ ।
- ତାପମାତ୍ରା ଅଧିକ ହେତୁ ପଶୁ ମାନଙ୍କ ସକାଳରେ ଘାସ ଖାଇବା ପାଇଁ ଛାଡ଼ି ଦିଅନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସରର ସହିତ ସମ୍ପର୍କ କରନ୍ତୁ।

---

ନୋଡାଲ ଅଫିସର

ଜି.କେ.ଏମ.ଏସ. ମାଲକାନଗିରି